


## ସଂକ୍ଷେପରେ

### ଅଣୁ,କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ କର୍ମଶାଳା



ନବରଙ୍ଗପୁର,୧୦।୩(ଡି.ଏନ.ଏ.): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ସମ୍ମାନିତ ଅତିଥି ବାଣିଜ୍ୟକର ବିଭାଗ ଅତିରିକ୍ତ କମିଶନର ତୋଫାନ ବେମାଲ, ଏମଏସଏମଇ କଟକର ଅତିରିକ୍ତ ନିର୍ଦ୍ଦେଶକ, ଏମଏସଏମଇ ରାୟଗଡା ଶାଖାର ଏନ.କେ. ରତ୍ନମ୍, ଓଡିଶା ଇ-ମାର୍କେଟିଂର ଜିଏମ ସ୍ୱଚ୍ଛସ୍ୱରୂପ ପାତ୍ର ଓ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଲିଙ୍ଗରାଜ ଖଣ୍ଡପାଣି ଯୋଗ ଦେଇଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ଉଦ୍ୟୋଗୀ ଓ ବ୍ୟବସାୟୀ, ଦକ୍ଷତା ତାଲିମ ପ୍ରାପ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ନୂତନ ଶିଳ୍ପ ସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିହାତି ଓ ଏହାର ନିୟମ, ଇ-ମାର୍କେଟିଂ ବ୍ୟବସ୍ଥା ଉପରେ ବିଭିନ୍ନ ସୂଚନା ଦିଆଯାଇଥିଲା । ଅନୁସୂଚି ଜାତି ଓ ଜନଜାତି ଉଦ୍ୟୋଗୀଙ୍କ ପାଇଁ କ୍ରେତା ବିକ୍ରେତା ହବ୍ ପାଇଁ ଆଲୋଚନା ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନିଯୁକ୍ତ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଶିଳ୍ପ ପଲିସ ରିଜ୍ୟୁଲେସନ ୨୦୧୫ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ପଲିସି ଅନୁସାରେ ହିତାଧିକାରୀଙ୍କ ପାଇଁ କେଉଁ ଶିଳ୍ପ ଅନୁସାରେ କେତେ ସହାୟତା ଓ ରିହାତି, ଋଣ ବ୍ୟବସ୍ଥା, ସରକାରୀ ଜମି ଯୋଗାଣ ବ୍ୟବସ୍ଥା, କଞ୍ଚାମାଲ, ଉତ୍ପାଦନ ଓ ବିକ୍ରିବଟାର ସୁବିଧା, ବଜାର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ନବରଙ୍ଗପୁର ଜିଲାରେ କୃଷି ଭିତ୍ତିକ ଶିଳ୍ପ, କୁଟୀର ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଆବଶ୍ୟକତା ରହିଥିବା ସୂଚନା ଦେଇଥିଲେ ।

### ନୂତନ ତହସିଲଦାରଙ୍କ ଯୋଗଦାନ

ଡାବୁଗାଁ, ୧୦।୩ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ସୁବାସ ଚନ୍ଦ୍ର ସିଂ ନୂତନ ତହସିଲଦାର ଭାବେ ରବିବାର ଯୋଗ ଦେଇଛନ୍ତି। ସେ ପୂର୍ବରୁ କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ । ସେ ଡାବୁଗାଁ ତହସିଲର ଅତିରିକ୍ତ ତହସିଲଦାର ନରସିଂହ ଗାଦବାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ତହସିଲଦାରଙ୍କୁ ତହସିଲ କାର୍ଯ୍ୟାଳୟର ମୁଖ୍ୟକିରାଣୀ ଦିଲ୍ଲୀପ କୁମାର ମହାକୁଡ, କିରାଣୀ ମନୋଜ କୁମାର ଗୁପ୍ତା, ଆକାଶ ନାୟକ, ନବୀନ ଚନ୍ଦ୍ର ଦାଢିଆ ଓ କର୍ମଚାରୀ ଅମର ମାଳୀ ପ୍ରମୁଖ ସ୍ୱାଗତ କରିଥିଲେ ।

### ପୋଲିସ ଭ୍ୟାନ ଦୁର୍ଘଟଣା ଘଟଣା
### ମୃତ ଯବାନଙ୍କ ପରିବାରଙ୍କୁ ଭେଟିଲେ ମନ୍ତ୍ରୀ

ଝରିଗାଁ,୧୦।୩(ସ୍ୱ.ପ୍ର): ଝାରସୁଗୁଡା ଜିଲା ବେଲପାହାଡରେ ଗତ ୧ ତାରିଖରେ ଓଏସଏପି ଯବାନଙ୍କ ଭ୍ୟାନ ଦୁର୍ଘଟଣାରେ ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ପଞ୍ଚାୟତ ଗୋଇଧଡି ଗ୍ରାମର ଜୟସିଂ ସାନ୍ତା ଗୁରୁତର ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତ ଯବାନଙ୍କ ପରିବାର ଲୋକଙ୍କୁ ଅନୁସୂଚୀତ ଜାତି, ଜନଜାତି , ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଭେଟି ସମବେଦନା ଜଣାଇଛନ୍ତି। ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ଜିଲାପରିଷଦ ସଭ୍ୟ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣଶ୍ରମିକଙ୍କୁ ନିମ୍ନମାନର ସାମଗ୍ରୀ ବଣ୍ଟନ





ନିର୍ମାଣ ଶ୍ରମିକଙ୍କୁ ଦିଆଯାଇଥିବା ସାଇକେଲ, ଟୁଲ୍ କିଟ୍ ।

ଚନ୍ଦାହାଣ୍ଡି, ୧୦।୩(ଡି.ଏନ.ଏ.)

ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଯୋଜନା ଲାଗୁ କରିଛନ୍ତି। ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଚାରି ହଜାର ଟଙ୍କାର ସାଇକେଲ, ଚାରି ହଜାର ଟଙ୍କାର ବିଭିନ୍ନପ୍ରକାର ଉପକରଣ ଯଥା ବେଲଛା,ଶାବଲ, କୋଡି, କୋଦାଳ, ୨ଟି ସ୍କ୍ରୁଡ୍ରାଇଭର, ଲେବୁଲ ପାଇପ ଇତ୍ୟାଦି ସହ ଏକ ହଜାର ଟଙ୍କାର ହେଲମେଟ, ହ୍ୟାଣ୍ଡ ଗ୍ଲୋଭସ, ଜୋତା, ଚଷମା, ସେଫ୍ଟି ବେଲ୍ଟ ଇତ୍ୟାଦି ମାଗଣାରେ ଦେବାର ବ୍ୟବସ୍ଥା କରିଛନ୍ତି। ତେବେ ନିର୍ମାଣ ଶ୍ରମିକମାନଙ୍କୁ ଏହି ସବୁ ସାମଗ୍ରୀ ପାଇବା ଆଶା ଦେଖାଇ କାଗଜପତ୍ର କରିବା ଓ ଅନ୍ୟାନ୍ୟ ଖର୍ଚ୍ଚ ଥିବା କହି ଚନ୍ଦାହାଣ୍ଡି ବ୍ଲକର ୪୪୬ ଜଣ ନିର୍ମାଣ ଶ୍ରମିକଙ୍କ ପାଖରୁ ୩୫୦ଟଙ୍କା ଲେଖାଏଁ ମଧ୍ୟସ୍ଥିଙ୍କ ଜରିଆରେ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ନିର୍ମାଣ ଶ୍ରମିକ ନାମ ଗୋପନ ରଖି ଏ ସମ୍ପର୍କରେ କହିଛନ୍ତି। ସେହିପରି ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା ହୋଇ ଝରିଗାଁ ଏବଂ ନବରଙ୍ଗପୁରର ବ୍ୟବସାୟୀମାନେ ଅତ୍ୟନ୍ତ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ଦରଠାରୁ କମ ମୂଲ୍ୟର ସାଇକେଲ, ଟୁଲ୍ କିଟ ଓ ନିରାପଦ ସାମଗ୍ରୀ ଶ୍ରମିକଙ୍କୁ ବଣ୍ଟନ କରିଥିବା ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ଅଭିଯୋଗ କରିଛନ୍ତି । ଜଣେ ଶ୍ରମିକଙ୍କୁ ସରକାର ୯ହଜାର ଟଙ୍କାର ସାମଗ୍ରୀ ଯୋଗାଇ ଦେଉଥିବାବେଳେ ଶ୍ରମିକଙ୍କ ମିଳୁଥିବା ସାମଗ୍ରୀର ବଜାର ଦର ପାଞ୍ଚ ହଜାର ଟଙ୍କା ମଧ୍ୟରେ ହେବ ବୋଲି ସେ କହିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଇବା ପାଇଁ ଲିଖିତ ଆକାରରେ ଜଣାଇବି ବୋଲି ବ୍ଲକ ଅଧ୍ୟକ୍ଷ ନାୟକ କହିଛନ୍ତି। ଶ୍ରମିକଙ୍କୁ ଦିଆଯାଉଥିବା ସାଇକେଲର ଦର ୪ହଜାର ଟଙ୍କା ରଖାଯାଇଥିବାବେଳେ ତାହା ଅତ୍ୟନ୍ତ ନିମ୍ନମାନର ଓ ବଜାର ଦର ତିନିହଜାର ଦୁଇଶହ ଭିତରେ ରହିଛି। ଯାହାକି ସାଇକେଲକୁ ଦେଖିଲେ ଜଣାପଡୁଛି। ସାଇକେଲ ଗୋଟିଏ କମ୍ପାନୀର ହୋଇଥିବାବେଳେ ସେଥିରେ ଲଗାଯାଇଥିବା ପାର୍ଟସଗୁଡିକ ଅଲଗା ଅଲଗା କମ୍ପାନୀର । ଫଳରେ ସାଇକେଲର ମାନକୁ ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଶ୍ରମିକଙ୍କୁ ଦିଆଯାଇଥିବା ଟୁଲ୍‌କିଟ ଓ ନିରାପତ୍ତା ଉପକରଣ ମଧ୍ୟ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ଟଙ୍କାଠାରୁ କମ ହୋଇଥିବା ଅଭିଯୋଗ ହେଉଛି । ସାଇକେଲ ଓ ଟୁଲ୍ କିଟ କ୍ରୟର ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ଶ୍ରମିକମାନଙ୍କଠାରୁ ୩୫୦ଟଙ୍କା ଲେଖାଏଁ ଆଦାୟ କରାଯାଇଥିବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଇପାଇଙ୍କୁ ପଚାରିବାରୁ ସେ କହିଥିଲେ ଯେ ଯଦି ନିମ୍ନମାନର ସାମଗ୍ରୀ ଦିଆଯାଇଛି ତେବେ ତାକୁ ଫେରାଇ ନେବା ପାଇଁ ଦୋକାନୀଙ୍କୁ କୁହାଯିବ।



ଶୋଭାଯାତ୍ରା ପରେ ମହିଳାମାନେ କଳସ ଧରି ଯଜ୍ଞସ୍ଥଳ ନିକଟରେ ଏକାଠି ହୋଇଛନ୍ତି।

## ୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା

ନବରଙ୍ଗପୁର,୧୦।୩(ବି.ପ୍ର.)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରତିଷ୍ଠା ଏବଂ ୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ରବିବାର ନବରଙ୍ଗପୁର ଦାରୁବନ୍ଧସାହି ନିକଟ ପ୍ରତାପସାଗର ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସଯାତ୍ରା କରିଥିଲେ । ଟ୍ରଷ୍ଟର ସଭ୍ୟ ନିତ୍ୟାନନ୍ଦ ପଣ୍ଡା, ରଘୁନାଥ ପାତ୍ର, ଦାମୋଦର ତ୍ରିପାଠୀ, ଗୋପାଳ ମିଶ୍ର, ବାଲ୍ମିକୀ ପ୍ରଧାନ, ଭାସଣ ଶେଖର ପତି, ପଦ୍ମାବତୀ ପାତ୍ର, ରଞ୍ଜୀତା ତ୍ରିପାଠୀ, ସୁପ୍ରିୟା ନାୟକ, ସ୍ୱପ୍ନା ତ୍ରିପାଠୀ, ସୁମିତ୍ରା ମିଶ୍ର, ସୁଜାତା ମିଶ୍ର, ସବିତା ଚର୍ଚ୍ଚି ଓ କୁନ୍ତଳା ଶତପଥି ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ ।

## ପୋଖରୀରେ ବୁଡି ନାବାଳିକା ମୃତ

କୋଷାଗୁମୁଡା,୧୦।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବଡଆମ୍ବଡା ପଞ୍ଚାୟତର ହଳଦୀଗୁଡା ଗ୍ରାମର ପୂର୍ଣ୍ଣି ହରିଜନ (୮)ରବିବାର ପୋଖରୀରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ପୂର୍ଣ୍ଣି ତାଙ୍କ ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇଲା ବେଳେ ପୂର୍ଣ୍ଣିଙ୍କ ଗୋଡ ଖସି ଯାଇଥିଲା। ଫଳରେ ଗଭୀର ପାଣିରେ ସେ ବୁଡି ଯାଇଥିଲେ। ଗ୍ରାମବାସୀ ପୂର୍ଣ୍ଣିଙ୍କୁ ଉଦ୍ଧାର କରି ସାଙ୍ଗେ ସାଙ୍ଗେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ କୋଷାଗୁମୁଡା ଥାନାରେ ନଂ. ୪/୧୯ରେ ମାମଲା ରୁଜୁ କରାଯାଇଥିଲା। ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବଡଆମ୍ବଡା ଫାଣ୍ଡି ଅଧିକାରୀ କହିଛନ୍ତି।

## ନବରଙ୍ଗପୁର, ଡାବୁଗାଁ ବିଧାନସଭା ପ୍ରାର୍ଥୀ ପାଇଁ ଭାଜପାର ଗୁପ୍ତ ମତଦାନ

ନବରଙ୍ଗପୁର,୧୦।୩(ବି.ପ୍ର)

ନବରଙ୍ଗପୁର ଶ୍ରୀ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ନବରଙ୍ଗପୁର, ଡାବୁଗାଁ ଓ କୋଟପାଡ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଚୟନ ପାଇଁ ଗୁପ୍ତ ମତଦାନ କରାଯାଇଛି। ଦଳର କର୍ମକର୍ତ୍ତାମାନେ ଗୁପ୍ତ ବାଲାଟ ମାଧ୍ୟମରେ ସେମାନଙ୍କ ପସନ୍ଦର ପ୍ରାର୍ଥୀ ଚୟନ କରି ମତଦାନ ଦେଇଥିଲେ । ପ୍ରତିନିର୍ବାଚନ ମଣ୍ଡଳୀ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମ ସୁପାରିସ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏମପି ଅନନ୍ତ ନାୟକ ଯୋଗ ଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ତାଙ୍କର ମନୋନୀତ ପ୍ରାର୍ଥୀ ଚୟନ କରି ଗୁପ୍ତ ଭୋଟ ଦେବାକୁ କହିଥିଲେ । ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ସହ ପ୍ରଭାରୀ ସୁମନ୍ତ ପ୍ରଧାନ ଯୋଗ ଦେଇଥିଲେ । ଏଥିରେ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହୁଥିବା ରାଜ୍ୟ ସ୍ତରୀୟ କର୍ମକର୍ତ୍ତା, ଜିଲା ସ୍ତରୀୟ କର୍ମକର୍ତ୍ତା, ବିଭିନ୍ନ ମୋର୍ଚ୍ଚା କର୍ମକର୍ତ୍ତା, ମଣ୍ଡଳ ସଭାପତି ସାଧାରଣ ସମ୍ପାଦକ, ବିଧାନସଭା କ୍ଷେତ୍ରର କର୍ମକର୍ତ୍ତା, ନିର୍ବାଚିତ ଲୋକ ପ୍ରତିନିଧି ଓ ଦଳୀୟ ପରାଜିତ ପ୍ରାର୍ଥୀମାନେ ଯୋଗ ଦେଇ ମତଦାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗୋବିନ୍ଦ ଜୈନ, ଉପସଭାପତି ଗଦାଧର ତ୍ରିପାଠୀ, ସତ୍ୟବାଦୀ ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ପୂର୍ବତନ ଏମପି ପର୍ଶୁରାମ ମାଝୀ, ଲୋକସଭା ନିର୍ବାଚନ ମଣ୍ଡଳୀର ବିସ୍ତାରକ ଉପେନ୍ଦ୍ର ଭଞ୍ଜ, ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଜଗଦିଶ ଚନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ କୁଞ୍ଜ ବିହାରି ଦାଶ, ଜୟପୁର ବିଧାନସଭା ମଣ୍ଡଳିର ପ୍ରଭାରୀ ଲଳିତ ଅଗ୍ରୱାଲ ପ୍ରମୂଖ ଯୋଗ ଦେଇଥିଲେ । ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଭାବେ ଗୌରୀ ଶଙ୍କର ମାଝୀ, ବିରେନ୍ଦ୍ର ପୂଜାରୀ ଓ ଦିବାକର ପୂଜାରିଙ୍କ ନାମ ଆସିଥିଲା । ସେହିଭଳି ଡାବୁଗାଁ ନିର୍ବାଚନ ମଣ୍ଡଳୀର ପଦ୍ମନ ନାୟକ, ଡମ୍ବୁ ଜାନୀ, ଭକଚାନ୍ଦ ମାଝୀଙ୍କୁ ଗୁପ୍ତ ଭୋଟ ଦିଆଯାଇଥିଲା । ଯାହା ସପକ୍ଷରେ ଅଧିକ ଭୋଟି ମିଳିବ ସେ ଭାଜପାର ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେବୋଲି ଜଣାପଡିଛି । କୋଟପାଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳିୟ କର୍ମକର୍ତ୍ତା ମାନେ ସର୍ବସମ୍ମତି କ୍ରମେ ଦଳ ଯାହାକୁ ପ୍ରାର୍ଥୀ କରିବ ତାହାକୁ ସମସ୍ତେ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ।

## ପଲ୍‌ସ ପୋଲିଓ ଅଭିଯାନର ଶୁଭାରମ୍ଭ

### ଜିଲାର ୧ ଲକ୍ଷ ୬୦ ହଜାର ଶିଶୁ ଉପକୃତ ହେବେ

ନବରଙ୍ଗପୁର,୧୦।୩(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସର ପଲସ ପୋଲିଓ ସେଣ୍ଟରରେ ରବିବାର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଜିଲାପାଳ ଅଜିତ କୁମାର ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ୧ ଲକ୍ଷ ୬୦ ହଜାର ୨୧୪ ଜଣ ଜନ୍ମରୁ ୫ ବର୍ଷ ଶିଶୁ ଉପକୃତ ହେବେ । ଏଥିରେ ୯ ହଜାର ୮ଶହ ଓରାଲ ପୋଲିଓ ଭ୍ୟାକସିନ ବ୍ୟବହାର ହେବ । ୧୧୬୦ଟି ବୁଥରେ ପୋଲିଓ ଟୀକାକରଣ କରାଯିବ। ୨ ହଜାର ୩ଶହ ୨୦ ଜଣ ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ, ୧୫୦ ଜଣ ସୁପରଭାଇଜର ନିୟୋଜିତ କରାଯାଇଛି । ୧୦ଟି ବ୍ଲକ ଓ ନବରଙ୍ଗପୁର ଓ ଉମରକୋଟ ଦୁଇଟି ପୌରାଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ସୋମବାର ଘରକୁ ଘର ବୁଲି ଯେଉଁ ଶିଶୁମାନେ ପୋଲିଓ ବୁନ୍ଦା ସେବନରୁ ବାଦ ପଡିଯାଇଛନ୍ତି ସେମାନଙ୍କୁ ଖୁଆଯିବ ବୋଲି ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ସିଡିଏମଓ ବିଜୟ ଲକ୍ଷ୍ମୀ ଗୁରୁ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ସଜିତ ପଟ୍ଟନାୟକ, ପରିବାର କଲ୍ୟାଣ (ଏଡିଏମଓ) ସୁକାନ୍ତ ଚନ୍ଦ୍ର ରଥ, ମ୍ୟାଲେରିଆ ଅଧିକାରୀ ଅରୁଣ କୁମାର ଦାଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ପ୍ରମୂଖ ଯୋଗ ଦେଇଥିଲେ ।



ଜିଲାପାଳ ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଉଛନ୍ତି।

# ଇଭିଏମ୍ ଓ ଭିଭିପାଟ ବ୍ୟବହାର ପ୍ରଦର୍ଶନ



ଝରିଗାଁଠାରେ ମହିଳାମାନଙ୍କୁ ଇଭିଏମ ସମ୍ପର୍କରେ ସୂଚନା ଦିଆଯାଉଛି।



ନବରଙ୍ଗପୁରଠାରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ ଡେମୋ ଭୋଟ ଦେଉଛନ୍ତି ।

ନବରଙ୍ଗପୁର/ଡାବୁଗାଁ/ଚନ୍ଦାହାଣ୍ଡି/ ଝରିଗାଁ/ରାଇଘର/ପାପଡାହାଣ୍ଡି, ୧୦।୩ (ଡି.ଏନ.ଏ./ସ୍ୱ.ପ୍ର)

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ବ୍ୟବହାର ଉପରେ ମକପୋଲ୍ ରବିବାର କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରି ଭିଭିପାଟ ଓ ଇଭିଏମ ବ୍ୟବହାର ନେଇ ସୂଚନା ଦେଇଥିଲେ । ଜିଲାର ୯୮୩ ରାଜସ୍ୱ ଗାଁ ମଧ୍ୟରୁ ୮୭୦ ଗାଁରେ ମକପୋଲ ହୋଇ ସାରିଛି । ଜିଲାର ୨୮ଟି ଟିମ ଏନେଇ କାର୍ଯ୍ୟ କରୁଛନ୍ତି । ସମସ୍ତେ ମତଦାନ କରିବେ ସେ ନେଇ ଜିଲାପାଳ ଆହ୍ୱାନ ଦେଇଥିଲେ । ଭୋଟର ତାହାର ମୂଲ୍ୟବାନ ଭୋଟ କାହାକୁ ଦେଇଛନ୍ତି ସେ ନିଜେ ଜାଣି ପାରିବେ । ଭୋଟ ଟ୍ୟାମ୍ପରିଂ ଯେମିତି ହେବ ନାହିଁ ସେଥିପାଇଁ ଏହି ଭଳି ବ୍ୟବସ୍ଥା କରାଯାଉଛି। ଯାହାକି ୭ ସେକେଣ୍ଡ ପର୍ଯ୍ୟନ୍ତ ଦେଖିହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ କରୁଣାକର ରାଇକା, ନବରଙ୍ଗପୁର ପୌରାଞ୍ଚଳ ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ସମ୍ପାଦକ ପ୍ରଦୀପ ସାହୁ, ସୁବାସ ଚନ୍ଦ୍ର ସୁର, ଭାଜପାର ସତ୍ୟବାଦୀ ଷଡଙ୍ଗୀ ଉପସ୍ଥିତ ଥିଲେ । ସେହିପରି ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଇଭିଏମ ମେସିନ ଓ ଭିଭିପାଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କନିଷ୍ଠ ଯନ୍ତ୍ରୀ ପ୍ରତାପ ଦାସ ଓ ସୁରେଶ ଚନ୍ଦ୍ର ସେଠୀ ଯୋଗ ଦେଇ ଭୋଟରଙ୍କୁ ଇଭିଏମ ଓ ଭିଭିପାଟ ଦ୍ୱାରା କିପରି ଭୋଟ ଦେବେ ସେ ଉପରେ ସଚେତନ କରିଥିଲେ । ବ୍ଲକ ନୋଡାଲ ଅଧିକାରୀ ତଥା ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ବିଡିଓ ରଞ୍ଜିତା ମେରୀ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ମୋଟ ୪୦୭ ଜଣ ଭୋଟର ଡେମୋ ଭୋଟ ଦେଇଥିଲେ। ଚନ୍ଦାହାଣ୍ଡି ବ୍ଲକ ପରିସରରେ ଇଭିଏମ ଓ ଭିଭିପାଟ ସମ୍ପର୍କରେ ସଚେତନ କରାଯାଇଛି। ଏଥିରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଇପାଇ, ଜିପିଓ କାଳୁ ଚରଣ ନାୟକ, ଏପିଓ ଦେବେନ୍ଦ୍ର ବେହେରା, ବିଏସଏସଓ ତୁଷାର ରଞ୍ଜନ ସାହୁଙ୍କ ଉପସ୍ଥିତିରେ ଭୋଟରମାନଙ୍କୁ ମତଦାନ ସମ୍ପର୍କରେ ଅବଗତ କରାଯାଇଥିଲା। ଝରିଗାଁ ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ଇଭିଏମଓ ଭିଭିପାଟ୍ ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଛି। ଏଥିରେ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ଜିପିଇଓ ପ୍ରଦିପ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ଚୌଧୁରୀ, ବିଜୟାନନ୍ଦ ସୋରୀଙ୍କ ସହ ବ୍ଲକର ସମସ୍ତ ସେକ୍ଟର ଅଫିସର, ସିଆରସିସି ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ରାଇଘର ବ୍ଲକ ସମ୍ମିଳନୀ କକ୍ଷରେ ଭୋଟିଂ ମେସିନ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ନବରଙ୍ଗପୁର ପିଡି ପ୍ରଦୀପ କୁମାର ନାୟକ, ରାଇଘର ବିଡିଓ ଦେବୀ ପ୍ରସାଦ ଟାଲି, ବ୍ଲକ ଜେଇ ବ୍ରହ୍ମାଦତ୍ତ ସାହୁ, ଜେଇ ଏ.ଏନ ସିଂହ , ପିଇଓ ସୁବାସ ଢାଲି, ବିଏଲଓ ବିଚିତ୍ର ପଣ୍ଡା ଉପସ୍ଥିତ ରହି ଭୋଟିଂ ମେଶିନ ସମ୍ପର୍କରେ ଲୋକମାନଙ୍କୁ ସୂଚନା ଦେଇଥିଲେ। ଜନସାଧାରଣ ଭୋଟ କିପରି ଦେବେ । ଭୋଟ ଦେବା ପରେ କିପରି ତାହା ଠିକ ଅଛି କି ନାହିଁ ସେ ସମ୍ପର୍କରେ ବୁଝାଇଥିଲେ। ରାଇଘର ବ୍ଲକରେ ୩ଟି ଟିମ କାର୍ଯ୍ୟ କରୁଛି। ଗୋଟିଏ ଟିମ ଦିନକୁ ୧୨ଟି ବୁଥ ବୁଲୁଛନ୍ତି। ଦିନକୁ ୧୨୦୦ ଭୋଟର ଭୋଟିଂ ମେଶିନ ବିଷୟରେ ଜାଣିପାରୁଛନ୍ତି ବୋଲି ବିଡିଓ କହିଥିଲେ। ପାପଡାହାଣ୍ଡି ବ୍ଲକରେ ଇଭିଏମ ଓ ଭିଭିପାଟ ସଚେତନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାରାୟଣ ବେହେରା, ବିଡ଼ିଓ ରଞ୍ଜିତା ମଲିକ, ତହସିଲଦାର ପ୍ରେମଲାଲ ହିଆଲ, ଏବିଡିଓ ବିଶ୍ୱନାଥ ରାଉତ, ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ଜିପିଓ ଦୁର୍ଗା ପ୍ରସାଦ ରଣା, କନିଷ୍ଠ ଯନ୍ତ୍ରୀ ତନ୍ମୟ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**



## ପଲ୍ସ ପୋଲିଓ ଅଭିଯାନ

**ରାୟଗଡା ଅଫିସ୍, ୧୦।୩:** ରାୟଗଡା ଜିଲାରେ ରବିବାରଠାରୁ ୩ ଦିନିଆ ପଲସ ପୋଲିଓ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନବଜାତ ଶିଶୁଙ୍କଠାରୁ ୫ବର୍ଷ ବୟସର ଶିଶୁମାନଙ୍କୁ ଏହି ଅଭିଯାନରେ ପୋଲିଓ ବୁନ୍ଦା ଦିଆଯାଇଛି । ରାୟଗଡା ଜିଲାର ସମୁଦାୟ ୯୯୨ଟି ବୁଥ୍‌ରେ ଏହି କାର୍ଯ୍ୟକ୍ରମ ଚାଲିବ । ଏଥିରେ ୪୯୬ଟି ମୁଖ୍ୟକେନ୍ଦ୍ର ଓ ୪୯୬ଟି ଉପକେନ୍ଦ୍ର ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି । ଜିଲାରେ ମୋଟ ୧ଲକ୍ଷ ୨୦ହଜାର ୨୨୧ଜଣ ଶିଶୁଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ରବିବାର ୭୦ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ସୋମବାର ଓ ମଙ୍ଗଳବାର ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟେକ ପରିବାରକୁ ଯାଇ ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବେ ବୋଲି ଡା. ପାଢ଼ୀ କହିଛନ୍ତି ।

## ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାମନାଗୁଡ଼ା, ୧୦।୩(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପାରିଖିଡ଼ି ପଞ୍ଚାୟତ ଅଧୀନ ତାରଲିଙ୍ଗ ଗ୍ରାମଠାରେ ୯ ଦିନ ଧରି ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି । ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ସୁଭଦ୍ରାପୁର ଏବଂ ଫରେଷ୍ଟ ସିକ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧ୍ୟକ୍ଷ ସୂର୍ଯ୍ୟରାଓ କୁମ୍ଭିରିକା, ନାଏବ ସରପଞ୍ଚ ବୁଦ୍ଧ ମାଣ୍ଡାଙ୍ଗି, ମାଧବ ମୁଟିକା, ବିଜେଡ଼ି ଉପସଭାପତି ଗଗନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ମ୍ୟାଚ ପରିଚାଳନାରେ ପିଙ୍କୁ ଲାବଲା, ନରେନ୍ଦ୍ର ପାତ୍ର, ପ୍ରଶାନ୍ତ ମାଣ୍ଡାଙ୍ଗି, ଦିଲୀପ ମାଣ୍ଡାଙ୍ଗି, ରାଜେନ୍ଦ୍ର ପାତ୍ର ଏବଂ ରବି ବିଡ଼ିକା ସହଯୋଗ କରିଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

**ଫୁଲବାଣୀ ଅଫିସ, ୧୦।୩:** ଫୁଲବାଣୀ ସହର ନଦୀଖଣ୍ଡି ସାହିର ଜଣେ ୯ମ ଶ୍ରେଣୀ ଛାତ୍ରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି । ଛାତ୍ରୀ ଜଣକ ହେଲେ ତୁଳସୀ ମଲ୍ଲିକ । ସେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ । ସୂଚନା ଅନୁସାରେ ତୁଳସୀ ପଡୋଶୀ ସାଙ୍ଗମାନଙ୍କ ସହ ରବିବାର ରାତି ସାଢେ ୭ଟା ବେଳକୁ ପଡୋଶୀଙ୍କ ଛାତ ଉପରକୁ ଯାଇଥିଲେ । ସେଠାରେ କଥାବାର୍ତ୍ତା ଏବଂ ଖେଳକୁଦ ବେଳେ ଅସାବଧାନ ବଶତଃ ପାଖରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

■ ଡ୍ୟାମ୍ ନିର୍ମାଣକୁ ବିରୋଧ

# ରାସ୍ତା ଖୋଳିଦେଲେ ଉତ୍ତ୍ୟକ୍ତ ଗ୍ରାମବାସୀ

■ ଯୋଗାଯୋଗ ବିଚ୍ଛିନ୍ନ
■ ହୋଇପାରିଲାନି ଭିତ୍ତିପ୍ରସ୍ତର
■ ଫେରିଗଲେ ବିଧାୟକ, ଏମପି

**ଟିକିରି, ୧୦।୩(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକରେ କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ଡ୍ୟାମ ନିର୍ମାଣକୁ ବିରୋଧ କରାଯାଉଛି । ଏହାକୁ କାଶୀପୁର ବ୍ଲକର କିଷାନ କେବିଡି ଗ୍ରାମବାସୀ ଦୃଢ଼ ବିରୋଧ କରିଛନ୍ତି । ଶନିବାର ବ୍ଲକର ଅଡାଯୋର ପଞ୍ଚାୟତ ଅନ୍ତର୍ଗତ କିଷାନ କେବିଡି ମୌଜା ଅନ୍ତର୍ଗତ ଏକ ସ୍ଥାନରେ ଡ୍ୟାମ୍ ନିର୍ମାଣ ପାଇଁ ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଏମ୍‌ପି ଅର୍କକେଶରୀ ସିଂହଦେଓ ଓ କଳାହାଣ୍ଡି ଜିଲା ପ୍ରଶାସନ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ପହଞ୍ଚିଥିଲେ । କିନ୍ତୁ କିଷାନ କେବିଡି ଗ୍ରାମବାସୀଙ୍କ ବିରୋଧ ଯୋଗୁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ହୋଇ ପାରି ନ ଥିଲା । ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଥୁଆମୁଳ ରାମପୁର ବ୍ଲକକୁ ଯୋଗାଯୋଗ କରୁଥିବା ରାସ୍ତାକୁ ବିଧାୟକ ଓ ଏମ୍‌ପିଙ୍କ ଉପସ୍ଥିତିରେ ଖୋଳି ଦେଇଥିଲେ । ଫଳରେ ରାମପୁରକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଯାଇଛି । ଥୁଆମୁଳ ରାମାପୁର ବ୍ଲକ ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଗ୍ରାମର ସିନାଦେଇ ମାଝି, ହରି ମାଝି, ନାଥ ନାଏକ, ଉଦୟ ମାଝି, ଲଛମନ ନାଏକ, ନରହରି ନାଏକ ଅଭିଯୋଗ କରିଛନ୍ତି । ଏହି ଡ୍ୟାମ୍ ଏଠାରେ ନିର୍ମାଣ ହେଲେ କିଷାନ କେବିଡି ମୌଜାର ଚାଷ ଜମିଗୁଡ଼ିକ ଜଳମଗ୍ନ ହୋଇଯିବ । ଗ୍ରାମର ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ ନାହିଁ ବୋଲି କିଷାନକେବିଡ଼ି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।


ରାସ୍ତାକୁ ଗ୍ରାମବାସୀ ଖୋଳି ଦେଇଛନ୍ତି ।

# ଅଣଗେଜେଟେଡ୍ ବନ ସେବା ସଂଘର ସାଧାରଣ ଅଧିବେଶନ

**ରାୟଗଡା ଅଫିସ୍, ୧୦।୩**

ଓଡ଼ିଶା ଅଣଗେଜେଟେଡ ବନସେବା ସଂଘର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ଅଧିବେଶନରେ ଏସ୍‌ପି ଶ୍ରବଣ ବିବେକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜଙ୍ଗଲ ଏବଂ ବନ୍ୟପ୍ରାଣୀର ସୁରକ୍ଷା ଭଳି ଗୁରୁ ଦାୟିତ୍ୱ ତୁଲାଉଥିବାରୁ ବନ କର୍ମଚାରୀଙ୍କୁ ସାଧୁବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା ଓ ବନତତ୍ତ୍ୱବିତ୍ ବିକ୍ରମ କେଶରୀ ନାୟକ ଯୋଗଦେଇ ଉଭୟ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ଜଙ୍ଗଲ ଭିତରେ ବୁଲି ରକ୍ଷଣାବେକ୍ଷଣ କରିବା ସହଜ କାର୍ଯ୍ୟ ନୁହଁ । କର୍ମଚାରୀଙ୍କ ଅଭାବ ଯୋଗୁ ଜଙ୍ଗଲର ସୁରକ୍ଷା ଅତ୍ୟନ୍ତ କଷ୍ଟଦାୟକ ବୋଲି କହିଥିଲେ । ରାୟଗଡା ଶାଖା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ବିବରଣୀ ପାଠ କରିଥିଲେ । ଏହି ଅବସରରେ ଜିଲାର ୭ଟି ସେକସନକୁ ବଢ଼ାଇବାକୁ ସଂଘର କର୍ମକର୍ତ୍ତାମାନେ ଦାବି ରଖିଥିଲେ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଲାଗି ପ୍ରତି ବିଟହାଉସ୍ ପାଇଁ ଗୋଟିଏ ଗାଡି ସହ ହାତୀଙ୍କୁ ଘଉଡାଇବା ପାଇଁ ଅତ୍ୟାଧୁନିକ ତାଲିମ ପ୍ରଦାନ କରିବା ଭଳି ୧୨ଟି ସମସ୍ୟା ଅଧିବେଶନରେ ଉପସ୍ଥାପନା ହୋଇଥିଲା । ଏହି ଅବସରରେ ରାଜ୍ୟ ସଭାପତି ଗୌରୀଶଙ୍କର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ସମୀର କୁମାର ବେହେରା, ରାଜ୍ୟ ଉପସଭାପତି ଭବାନୀଶଙ୍କର ପରିଜା, ଅଣଗେଜେଟେଡ ବନସେବା ସଂଘ ଅଧକ୍ଷ ଜଗବନ୍ଧୁ ପାତ୍ର, ରାୟଗଡା ଶାଖା ସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ମଞ୍ଚାସୀନ ଥିଲେ ।



ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ ।

# ଆଜି ଭାଜପାର ବିଜୟ ସଂକଳ୍ପ ଅଭିଯାନ

**ମୁନିଗୁଡା, ୧୦।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର କଲ୍ୟାଣସିଂହପୁର ବ୍ଲକଠାରୁ ଭାଜପାର ବିଜୟ ସଂକଳ୍ପ ଅଭିଯାନ ୧୧ ତାରିଖରେ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମ ମାଝିଗୁଡ଼ା, ମୁନିଗୁଡ଼ା, ବିଷମକଟକ, ଆମ୍ବାଦୋଳା, ମୁକୁନ୍ଦପୁର, କୋଲନରାରେ ଆୟୋଜିତ ହୋଇ ୧୮ ତାରିଖରେ ଦୁର୍ଗୀଠାରେ ଶେଷ ହେବ । ଏଥିରେ କନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ, ପଥପ୍ରାନ୍ତ ସଭା, ଏକ ଘଣ୍ଟିଆ ଗ୍ରାମସଭା ଇତ୍ୟାଦି ଅନୁଷ୍ଠିତ ହେବ । ରବିବାର ମୁନିଗୁଡା ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଶିବଶଙ୍କର ଉଲ୍ଲାକା ଏହା ସୂଚନା ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ମୁନିଗୁଡା ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଜିଲା ସାଧାରଣ ସମ୍ପାଦକ ଭାସ୍କର ପଣ୍ଡା, ଓବିସି ଜିଲାମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ମଗିଲି, ଜିଲା ଉପସଭାପତି କେ. ବାବୁରାଓ, ଜିଲା କୃଷକ ମୋର୍ଚ୍ଚା ସଭାପତି ବାଦଲ ରଣା, ଜିଲା ଦଳିତ ମୋର୍ଚ୍ଚା ସଭାପତି ସୁକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ।

## ପର୍ଯ୍ୟଟକ କାର୍ ଦୁର୍ଘଟଣା: ୪ ଆହତ, ଚାଳକ ଗୁରୁତର

**ଦାରିଙ୍ଗବାଡ଼ି, ୧୦।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଗୁଡ୍ରିମେରା ଘାଟିରେ ରବିବାର ଏକ ପର୍ଯ୍ୟଟକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ସମେତ ୫ ଆହତ ହୋଇଛନ୍ତି । ଘାଟିର ବୁଲାଣି ରାସ୍ତାରେ ଥିବା ଏକ ପୋଲରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ପ୍ରାୟ ୨୦ ଫୁଟ ତଳକୁ ଖସିପଡ଼ିଥିଲା । ଫଳରେ ପର୍ଯ୍ୟଟକ ପଶ୍ଚିମବଙ୍ଗ ହାୱଡ଼ାର ଦେବାଶିଷ ଦତ୍ତ, ଦୁଇ ମହିଳା ସୁବର୍ଣ୍ଣା ଦତ୍ତ, ବେଲା ଦତ୍ତ ଏବଂ ଜଣେ ଶିଶୁ ଆହତ ହୋଇଥିବା ବେଳେ ଚାଳକ ପୁରୀ ଜିଲାର ଜଗନ୍ନାଥ ସାହୁ ଗୁରୁତର ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତ ଆହତଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି । ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରୁ କାର୍ (ନଂ.ଡବ୍ଲୁବି ୧୬ଏୱାଇ୨୬୨୪)ରେ ଦେବାଷିଶ ଓ ଅନ୍ୟମାନେ ପୁରୀ ଆସିଥିଲେ । ସେଠାରୁ ଚାଳକ ଜଗନ୍ନାଥକୁ ନେଇ ଦାରିଙ୍ଗବାଡ଼ି ଆସିଥିଲେ । ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପାଇଁ ଉକ୍ତ କାରରେ ବ୍ରାହ୍ମଣୀଗାଁ ଅଭିମୁଖେ ଯାଉଥିବା ବେଳେ ଦାସିଂବାଡ଼ି ପଞ୍ଚାୟତ ଗୁଡ୍ରିମେରାଠାରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

# ଗଞ୍ଜେଇ ଜବତ, ୬ ଗିରଫ

**ରାୟଗଡା ଅଫିସ୍, ୧୦।୩**

ରବିବାର ରାୟଗଡା ପୋଲିସ ୧୬କେଜି ଗଞ୍ଜେଇ ଜବତ କରିବା ସହ ଜଣେ ନାବାଳିକା ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ରାଉରକେଲାର ଦୀପକ ମୁଖି(୨୮), ଶ୍ୟାମବିହାରୀ ଯାଦବ(୨୪), ସୁନୀଲ ଦାସ(୨୧), ସନ୍ଦୀପ ପାଣ୍ଡେ(୨୧), ଏସ୍‌କେ ସାହିଦ(୨୩) । ନାବାଳିକାଙ୍କ ନାମ ପୋଲିସ ପ୍ରକାଶ କରିନାହିଁ ।

ଉକ୍ତ ୬ଜଣ ନିୟମିତ ମାଲକାନଗିରିରୁ ଗଞ୍ଜେଇ ଆଣି ରାୟଗଡା ଦେଇ ଟ୍ରେନ୍ ଯୋଗେ ଝାଡଖଣ୍ଡକୁ ଚାଲାଣ କରୁଥିଲେ । ଶନିବାର ବିଳମ୍ବିତ ରାତିରେ ଆସି ଏକ ହୋଟେଲରେ ରହିଥିଲେ । ସୂଚନାପାଇ ଏସ୍‌ଆଇ ଟି.ଏ ଖାନ, ଡବ୍ଲୁଏସ୍‌ଆଇ ଜୟସ୍ମିତା ବେହେରା, କନଷ୍ଟେବଲ ଆଇ.ମାର୍ଥା, ଏଚ୍.ଆର୍ ପୂଜାରୀ, ବି.କେ ଝୋଡିଆ ପ୍ରମୁଖ ହୋଟେଲ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ୧୬କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଏନେଇ ରାୟଗଡା ଥାନାରେ ଏକ ମାମଲା(ନଂ ୬୪/୧୯) ରୁଜୁ ହୋଇଛି । ରାୟଗଡା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଦୀପକ ଓ ଶ୍ୟାମଙ୍କ ନାମରେ ପୂର୍ବରୁ ରାଉରକେଲା ଓ ସମ୍ବଲପୁର ଥାନାରେ ଗଞ୍ଜେଇ ଚାଲାଣ ନେଇ ଅନେକ ମାମଲା ରହିଛି । ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ତପନ କୁମାର ରଥ, ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ ।


ଗିରଫ ଅଭିଯୁକ୍ତ ଓ ପୋଲିସ ଅଧିକାରୀମାନେ ।

# ବାଲ୍ ବିକାଶ ସ୍କୁଲ ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୧୦।୩**

ରାୟଗଡା ରାମକୃଷ୍ଣନଗରସ୍ଥିତ ବାଲ୍ ବିକାଶ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଗନ୍ତାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସିଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମନିସ କୁମାର ବର୍ମା ମୁଖ୍ୟ ଅତିଥି ,ବରିଷ୍ଠ ଖବରଦାତା ବାଦଲ କୁମାର ତା ମୁଖ୍ୟବକ୍ତା, ପବ୍ଲିକ୍ ପ୍ରସ୍ୟୁକ୍ୟୁଟର ବ୍ରଜ ସୁନ୍ଦର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଗନ୍ତାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର କୁନି କୁନି ଶିଶୁମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏହାପରେ ପୁଲୱାମାରେ ଶହୀଦ ଯବାନ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟ ଅଧକ୍ଷ ରାଜୀବ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷୟିତ୍ରୀ ପି.ମାନସା ଧନ୍ୟବାଦ ଦେଇଥିଲେ । ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ତିନି ବର୍ଷ ହେଲା ସର୍ଗୀଗୁଡ଼ା ଜଳ ପ୍ରକଳ୍ପ ଅଚଳ

## ପାଣି ପାଇଁ ଲୋକେ ହଇରାଣ

**ଟିକିରି, ୧୦।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସର୍ଗୀଗୁଡ଼ା ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ ୩ ବର୍ଷ ହେଲା ଅଚଳ ହୋଇ ପଡ଼ିଛି । ଫଳରେ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହ ନାନା ହଇରାଣ ହେଉଛନ୍ତି । ଦୁଡୁକା ବାହାଲ ପଞ୍ଚାୟତ ଅନ୍ତର୍ଗତ ସର୍ଗୀଗୁଡ଼ା ଗ୍ରାମରେ ପ୍ରାୟ ୬୦ ପରିବାର ରହୁଛନ୍ତି । ଆଦିବାସୀ ବହୁଳ ଏହି ଗ୍ରାମରେ ପାନୀୟ ଜଳର ସୁବିଧା ନିମନ୍ତେ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ନିର୍ମାଣର ୨ ମାସ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପିଇବା ପାଣି ଯୋଗାଇ ଦିଆଯାଇଥିଲା । ପରେ ପାଣି ମୋଟର ଅଚଳ ହୋଇଯାଇଥିଲା । ଫଳରେ ଲୋକେ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମର କମାଲ ମାଝି, ରତମେ ମାଝି, ନିଶକୁଡ଼ି ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି । ସେହିପରି ବର୍ତ୍ତମାନ ସାହିରେ ଦୁଇଟି ନଳକୂପ ରହିଛି । ସେଥିମଧ୍ୟରୁ ଗୋଟିଏ ଅଚଳ ହୋଇ ପଡ଼ିଥିବା ଜଣାଯାଇଛି । ଏବେଠାରୁ ଗ୍ରାମରେ ପାଣି ସମସ୍ୟା ଆରମ୍ଭ ହୋଇଥିବା ଗ୍ରାମବାସୀ କହିଛନ୍ତି । ତୁରନ୍ତ ପାଣିର ସୁବିଧା କରା ନ ଗଲେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।



ଅଚଳ ହୋଇପଡିଥିବା ପାନୀୟ ଜଳ ପ୍ରକଳ୍ପ ।

# ଇଭିଏମ୍, ଭିଭିପିଏଟି ନେଇ ସଚେତନତା କାର୍ଯ୍ୟକ୍ରମ

**ରାୟଗଡା ଅଫିସ/ଗୁଣପୁର/ ମୁନିଗୁଡ଼ା/ ପଦ୍ମପୁର, ୧୦।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଭିଭିପିଏଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲାପାଳ ସୁଧାକର ଶବର ଇଭିଏମ ଓ ଭିଭିପିଏଟିର ପରିଚାଳନା ଏବଂ ବ୍ୟବହାର ବିଷୟରେ କହିଥିଲେ । ସେହିପରି ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ ବିଭିନ୍ନ ଆଇନଗତ ବ୍ୟବସ୍ଥା ବିଷୟରେ ବୁଝାଇଥିଲେ । ପ୍ରୋଜେକ୍ଟର ମାଧ୍ୟମରେ ଭୋଟଦାନ ପ୍ରକ୍ରିୟା ବିଷୟରେ ପ୍ରଦର୍ଶନ କରାଯାଇଥିଲା । ଏହି ଶିବିରରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, କୋଲନରା ଏବିଡିଓ କେ.ଶିବଗୋପାଳ ରାଓ, ଜିଲା ପ୍ରକଳ୍ପ ସଂଯୋଜିକା ଆନାସ୍ତେସିଆ କେରକେଟା, ଜିଲା ମାଷ୍ଟର ଟ୍ରେନର ଦିଲୀପ କୁମାର ସାବତ, ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରାୟଗଡା ବ୍ଲକ ପରିସରରେ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଗଣାମଧ୍ୟମର ପ୍ରତିନିଧିମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସଚେତନତା ଦିବସର ଆୟୋଜନ କରାଯାଇଥିଲା । ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି ନିର୍ବାଚନ ନିମନ୍ତେ ବିଭିନ୍ନ ଆଇନଗତ ବ୍ୟବସ୍ଥା ଓ ଭିଭିପିଏଟି ବ୍ୟବହାର ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ପି.ଏ.ଗୋପାଳ ପଣ୍ଡା ଇଭିଏମ ଓ ଭିଭିପିଏଟି ପ୍ରଦର୍ଶନ କରିଥିଲେ । ସେହିପରି ଗୁଣପୁର ବ୍ଲକ ଅଫିସ ପରିସରରେ ଇଭିଏମ ଏବଂ ଭିଭିପିଏଟି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ବିଡିଓ ଗାୟତ୍ରୀ ଦେବୀ, ତହସିଲଦାର ନମ୍ରତା ମୋଦିଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ସେହିପରି ମୁନିଗୁଡା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର ୧୭ଟି ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଭିଭିପାଟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବ୍ୟବର୍ତ୍ତା ସ୍ୱାଗତ ଜଣାଇବା ସହ ଭିଭିପିଏଟି ମେଶିନ୍ ସମ୍ପର୍କରେ କହିଥିଲେ । ପରେ ବିଡ଼ିଓ ଡଃ ଦିଲୀପ କୁମାର ବେହେରା, ତହସିଲଦାର ଡଃ ଦେବାଶିଷ ଗୌଡ଼, ବିଇଓ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ତହସିଲଦାର ଆୟୁବ ମଣ୍ଡଳ, ବିନୋଦ ପାତ୍ର ପ୍ରମୁଖ ଭିଭିପିଏଟି କିପରି ବ୍ୟବହାର କରିବେ ସେ ନେଇ ଅବଗତ କରାଇଥିଲେ । ସର୍ବପ୍ରଥମେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କୋରଡା ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଥିଲେ । ସେହିପରି ପଦ୍ମପୁର ବ୍ଲକ ସଦ୍‌ଭାବନା ଗୃହରେ ଇଭିଏମ, ଭିଭିପିଏଟି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ, ତହସିଲଦାର ନୀଳ ମାଧବ ମାଝି, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲୀକ, ବ୍ଲକ ଏପିଓ ବିଶିକେଶନ ଲିମାଙ୍କ ସହ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସରପଞ୍ଚ, ସମିତିସଭ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ଲୋକେ ଏହି ଇଭିଏମ୍ ଓ ଭିଭିପିଏଟି ସମ୍ପର୍କରେ ଜାଣି ନିଜର ଭୋଟ ଦେଇପାରିବେ ସେନେଇ ତାଲିମ ଦିଆଯାଇଥିଲା ।


ପଦ୍ମପୁରରେ ଇଭିଏମ୍, ଭିଭିପିଏଟି ନେଇ ସଚେତନ କରାଯାଉଛି ।

